# NATIONAL NEWS BULLETIN (ODIA)

**17 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ ଭାରତୀୟ ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ଆଲୋଚନା ଜାରି ।
- ଲୋକସଭାରେ ଆଗତ ହେଲା 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ସମ୍ପର୍କିତ ଦୁଇଟି ବିଧେୟକ ।
- କୃଷକଙ୍କ ଆୟବୃଦ୍ଧି ପାଇଁ ୬ ସୂତ୍ରୀ ରଣନୀତି ପ୍ରସ୍ତୁତ ।
- ଆସନ୍ତା ବର୍ଷରୁ ନିଯୁକ୍ତି ପରୀକ୍ଷା ଆୟୋଜନ କରିବ ନାହିଁ ଏନ୍.ଟି.ଏ ।

ଏବଂ

- କ୍ରିକେଟରେ ଫଲୋଅନ୍ ଏଡ଼ାଇବା ପାଇଁ ଭାରତ ପାଇଁ ୧୯୩ ରନ୍ ଆବଶ୍ୟକ ।

# ଆର୍‌ଏସ୍- କନ୍‌ଷ୍ଟିଚ୍ୟୁସନ୍

ଭାରତୀୟ ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ଆଜି ରାଜ୍ୟସଭାରେ ସ୍ୱତନ୍ତ୍ର ଆଲୋଚନା ଜାରି ରହିଛି ।

ଆଲୋଚନାରେ ଅଂଶଗ୍ରହଣ କରି ଗୃହର ନେତା ତଥା କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି, ଭାରତ କେବଳ ସର୍ବବୃହତ୍ ଗଣତନ୍ତ୍ର ନୁହେଁ, ଗଣତନ୍ତ୍ରର ଜନନୀ । ସେ କହିଛନ୍ତି,  ଭାରତୀୟ ନୀତି ଅନୁଯାୟୀ ଗଣତନ୍ତ୍ରରେ ସ୍ୱାଧୀନତା, ଗ୍ରହଣୀୟତା, ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ ରହିଛି, ଯାହା ନାଗରିକମାନଙ୍କୁ ସମ୍ମାନଜନକ ଜୀବନ ଯାପନ କରିବାକୁ ଅନୁମତି ଦେଇଥାଏ । ଶ୍ରୀ ନଡ୍ଡା କହିଛନ୍ତି, ସରକାର ଏହି ଦୃଷ୍ଟିକୋଣ ପ୍ରତି ସମର୍ପିତ ଅଛନ୍ତି । ସେ କହିଛନ୍ତି, ଭାରତୀୟ ସମ୍ବିଧାନ ଗଠନ କରିଥିବା ସମ୍ବିଧାନ ସଭାର ସଦସ୍ୟମାନଙ୍କ ନିକଟରେ ଦେଶ ଋଣୀ ।

ଶ୍ରୀ ନଡ୍ଡା ଅଭିଯୋଗ କରିଛନ୍ତି, ଅତୀତରେ କଂଗ୍ରେସ ଦଳ ସମ୍ବିଧାନକୁ ଉଲ୍ଲଂଘନ କରିଛି । ସେ କହିଛନ୍ତି, କଂଗ୍ରେସ ନ୍ୟାୟପାଳିକାର ସ୍ୱାଧୀନତା ଉପରେ ଆକ୍ରମଣ କରିଛି ଏବଂ ତତ୍କାଳୀନ ସରକାରଙ୍କ ଘୃଣ୍ୟ ଷଡ଼ଯନ୍ତ୍ର ବିରୋଧରେ ମନ୍ତବ୍ୟ ଦେଇଥିବା ଅନେକ ବିଚାରପତିଙ୍କ ପ୍ରତି ଅବିଚାର କରିଛି ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଅଭିଯୋଗ କରିଛନ୍ତି, ରାଜ୍ୟରେ ସ୍ଥିର ସରକାର ହଟାଇବା ପାଇଁ କଂଗ୍ରେସ ଧାରା ୩୫୬ର ଅପବ୍ୟବହାର କରିଛି । ସେ କହିଛନ୍ତି, ୧୯୫୨ରୁ ୧୯୬୭ ପର୍ଯ୍ୟନ୍ତ ଦେଶରେ 'ଗୋଟିଏ ଦେଶ,

ଗୋଟିଏ ନିର୍ବାଚନ' ଚାଲିଥିଲା, କିନ୍ତୁ ଏହି ବ୍ୟବସ୍ଥାରେ କଂଗ୍ରେସ ପରିବର୍ତ୍ତନ ଆଣିଥିଲା।

ଏହି ଆଲୋଚନାରେ ଜେ.ଡି.ଏସ୍ ନେତା ଏଚ୍.ଡି ଦେବେଗୌଡ଼ା, ଟିଏମସିର ସୁସ୍ମିତା ଦେବ ଏବଂ ରାମନାଥ ଠାକୁର ଅଂଶଗ୍ରହଣ କରିଥିଲେ।

## ୱାନ୍ ନେସନ୍ ୱାନ୍ ଇଲେକସନ୍

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ'କୁ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି କହିଛନ୍ତି। ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ରିଜିଜୁ କହିଛନ୍ତି, ଏହା କୌଣସି ଦଳ କିମ୍ବା ବ୍ୟକ୍ତିଙ୍କ ପାଇଁ ନୁହେଁ, ଏହା ଦେଶର ହିତ ପାଇଁ ଉଦ୍ଦିଷ୍ଟ। ଆଜି ଲୋକସଭାରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ସଂକ୍ରାନ୍ତ ବିଲ୍ ଆଗତ ହେବା ପୂର୍ବରୁ ଶ୍ରୀ ରିଜିଜୁ କହିଛନ୍ତି, ଦେଶ ଓ ଲୋକଙ୍କ ସେବା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥାଏ।

ଏହି ବିଲ୍ ଉପରେ ବିରୋଧୀ ଦଳଗୁଡ଼ିକର ସମାଲୋଚନା ଉପରେ ଶ୍ରୀ ରିଜିଜୁ କହିଛନ୍ତି, ଯେତେବେଳେ ଭାରତ ସ୍ୱାଧୀନ ହୋଇଥିଲା, ସେତେବେଳେ ଦେଶରେ ଦୁଇ ଦଶନ୍ଧି ଧରି ଏକକାଳୀନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେ ଅଭିଯୋଗ କରିଛନ୍ତି, କଂଗ୍ରେସ ଧାରା ୩୫୬ର ଅପବ୍ୟବହାର କରିଛି, ଯାହା ଫଳରେ ସଂସଦ ଏବଂ ବିଧାନସଭା ପାଇଁ ଅଲଗା ଅଲଗା ନିର୍ବାଚନ ହେଉଛି।

## ଏଲ୍ଏସ୍- ଫାରମରସ୍ ଇନ୍କମ୍

କୃଷକଙ୍କ ଆୟ ବୃଦ୍ଧି ପାଇଁ ସରକାର ୬ ସୂତ୍ରୀ ରଣନୀତି ପ୍ରସ୍ତୁତ କରିଛନ୍ତି । ଆଜି ଲୋକସଭାରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ୨୦୦୨-୦୩ରେ କୃଷକଙ୍କ ଆୟ ମାସିକ ୨ ହଜାର ୧୧୫ ଟଙ୍କା ଥିବାବେଳେ ୨୦୧୮-୧୯ରେ ଏହା ୧୦ ହଜାର ୨୧୮ ଟଙ୍କାକୁ ବୃଦ୍ଧି ପାଇଛି । ୬ ସୂତ୍ରୀ ରଣନୀତିରେ ଉତ୍ପାଦନ ବୃଦ୍ଧି, ଉତ୍ପାଦନ ଖର୍ଚ୍ଚ ହ୍ରାସ, ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ସର୍ବନିମ୍ନ ମୂଲ୍ୟ ସୁନିଶ୍ଚିତ କରିବା, ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିର ଭରଣା, କୃଷିର ବିବିଧତା ଏବଂ ପ୍ରାକୃତିକ ଓ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ଆଦି ରହିଛି । ସେ କହିଛନ୍ତି, ଚାଷୀମାନଙ୍କୁ କମ୍ ସୁଧହାରରେ ଋଣ ଓ ସାର ଏବଂ ଯାନ୍ତ୍ରିକ ଚାଷ ପାଇଁ ସବ୍ସିଡି ମଧ୍ୟ ଦିଆଯାଉଛି । ଗତବର୍ଷ ଚାଷୀଙ୍କୁ ୨ ଲକ୍ଷ ୧୪ ହଜାର କୋଟି ଟଙ୍କାର ସବ୍ସିଡି ଦିଆଯାଇଥିଲା । କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟରେ ରେକର୍ଡ କ୍ରୟ କରିଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## ରାଷ୍ଟ୍ରପତି ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ପାଞ୍ଚ ଦିନିଆ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଗସ୍ତରେ ଯିବେ । ଆନ୍ଧ୍ରପ୍ରଦେଶ ଗସ୍ତ ସମୟରେ ରାଷ୍ଟ୍ରପତି ମଙ୍ଗଳାଗିରି ଏମସ୍‌ର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ସିକନ୍ଦରାବାଦରେ ରାଷ୍ଟ୍ରପତି ନିଳୟମ୍‌ରେ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏହା ସହିତ ରାଷ୍ଟ୍ରପତି ସିକନ୍ଦରାବାଦ୍ ସ୍ଥିତ ପ୍ରତିରକ୍ଷା ପରିଚାଳନା ମହାବିଦ୍ୟାଳୟକୁ ରାଷ୍ଟ୍ରପତି ଧ୍ୱଜା ପ୍ରଦାନ କରିବେ । ଏହି

ଅବସରରେ ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ନିଳୟମରେ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷାବିତ୍‌ମାନଙ୍କ ପାଇଁ ଆୟୋଜିତ ସ୍ୱାଗତ ସମାରୋହରେ ସାମିଲ ହେବେ ।

## ପ୍ରଧାନ- ବ୍ରିଫିଂ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଜାତୀୟ ପରୀକ୍ଷଣ ସଂସ୍ଥା- ଏନ୍.ଟି.ଏ. ନିଯୁକ୍ତି ପରୀକ୍ଷା ଆୟୋଜନ ପରିବର୍ତ୍ତେ ୨୦୨୫ରୁ ଆରମ୍ଭ ହେବାକୁ ଥିବା ଉଚ୍ଚଶିକ୍ଷା ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଆୟୋଜନ ଉପରେ ବିଶେଷ ଧ୍ୟାନ ଦେବ। ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ସରକାର ୧୦ଟି ନୂଆ ପଦବୀ ସୃଷ୍ଟି କରି ଏନ୍.ଟି.ଏ'ର ପୁନର୍ଗଠନ କରିବାକୁ ଯୋଜନା କରୁଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ନିଟ୍ ୟୁଜି ଅନଲାଇନ୍ କିମ୍ବା 'ପେନ୍ ଆଣ୍ଡ ପେପର ଫର୍ମାଟ'ରେ ହେବ କି ନାହିଁ ସେ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ଆଲୋଚନା ଚାଲିଛି। ନିକଟ ଭବିଷ୍ୟତରେ କମ୍ପ୍ୟୁଟର ଆଡାପ୍ଟିଭ୍ ଏବଂ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ପ୍ରବେଶିକା ପରୀକ୍ଷା ପଦ୍ଧତି ଆପଣାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ଗତ ୮ ବର୍ଷ ମଧ୍ୟରେ ପିଲା ପିଛା ଖର୍ଚ୍ଚରେ ୧୩୦ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୩-୧୪ରେ ୧୦ ହଜାର ୭୮୦ ଟଙ୍କା ଥିବା ରାଶି ଏବେ ୨୦୨୧-୨୨ ସୁଦ୍ଧା ୨୫ ହଜାର ୪୩ ଟଙ୍କାକୁ ବୃଦ୍ଧି ପାଇଛି।

ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ସରକାର ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛନ୍ତି ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। 'ୱାନ୍ ନେସନ୍, ୱାନ୍ ସବ୍‌ସ୍କ୍ରିପସନ' ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରାୟ ୧୩ ହଜାର ଇ-ଜର୍ଣ୍ଣାଲ୍ ଏବେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେଉଛି। ଆଗାମୀ ତିନି ବର୍ଷ ମଧ୍ୟରେ ସରକାର ଏଥିରେ ୬ ହଜାର କୋଟି ଟଙ୍କା ବିନିଯୋଗ କରିବେ।

# ପିଏମ୍-ରାଜସ୍ଥାନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନ ଗସ୍ତରେ ଯାଇ ରାଜସ୍ଥାନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶକ୍ତି, ସଡ଼କ, ରେଳ ଏବଂ ଜଳ ସମ୍ବନ୍ଧୀୟ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ରାଜସ୍ଥାନର ଜୟପୁର ଠାରେ ଏହିସବୁ ପ୍ରକଳ୍ପ ଗୁଡ଼ିକ ପାଇଁ ୪୬ ହଜାର ୩୦୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ଶ୍ରୀ ମୋଦୀ କେନ୍ଦ୍ର ସରକାରଙ୍କ ୭ଟି ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ୨ଟି ପ୍ରକଳ୍ପ ସମେତ ୧୧ ହଜାର କୋଟିରୁ ଅଧିକ ଟଙ୍କାର ୯ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିବେ । ସେହିପରି ୩୫ ହଜାର ୩୦୦ କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ ହୋଇଥିବା ୯ଟି କେନ୍ଦ୍ରୀୟ ପ୍ରକଳ୍ପ ଓ ୬ଟି ରାଜ୍ୟ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିବେ ।

# ବିଜେପି-ସୋନିଆ ଲେଟର

ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧିଙ୍କୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ  ଚିଠିକୁ ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟ ଓ ପାଠାଗାରକୁ ଫେରାଇବାକୁ ବିଜେପି କହିଛି । ଏହି ଐତିହାସିକ ଦସ୍ତାବିଜ୍ ଗୁଡ଼ିକ ଦେଶର ସମ୍ପତ୍ତି ବୋଲି ଦଳ କହିଛି । ଦଳୀୟ ମୁଖପାତ୍ର ସମ୍ବିତ ପାତ୍ର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସଂଗ୍ରହାଳୟର ତତ୍କାଳୀନ ନିର୍ଦ୍ଦେଶକଙ୍କ ଅନୁମୋଦନ ପରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ୫୧ କାର୍ଟୁନ୍ ଚିଠି ସୋନିଆ ଗାନ୍ଧିଙ୍କୁ ଦିଆଯାଇଥିଲା । ଏହି ଚିଠି ଗୁଡ଼ିକ ମଧ୍ୟରେ ଶେଷ ବ୍ରିଟିଶ୍ ଭାଇସ୍‌ରାଏଙ୍କ ପତ୍ନୀ ଏଡ୍‌ୱିନା ମାଉଣ୍ଟବ୍ୟାଟେନ୍ ଏବଂ ବିଶିଷ୍ଟ ନେତା ଜୟପ୍ରକାଶ ନାରାୟଣ ଓ ଜଗଜୀବନ ରାମଙ୍କ ଚିଠି ରହିଥିବା ଜଣାପଡ଼ିଛି । ଶ୍ରୀ ପାତ୍ର କହିଛନ୍ତି, ନିକଟରେ ସୋସାଇଟିର ସଦସ୍ୟ ରିଜୱାନ୍ କାଦ୍ରି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ପତ୍ର ଜରିଆରେ ସମ୍ପୃକ୍ତ ଚିଠି ଗୁଡ଼ିକୁ ସଂଗ୍ରହାଳୟକୁ ଫେରାଇ ଦେବାକୁ କହିଥିଲେ । ତେବେ ଏ ପର୍ଯ୍ୟନ୍ତ ରାହୁଲ ଗାନ୍ଧିଙ୍କ ଠାରୁ କୌଣସି ଉତ୍ତର ମିଳିନାହିଁ ।

# ସହିଦ ଦିବସ

ନବମ ଶିଖ୍ ଗୁରୁ ଶ୍ରୀ ଗୁରୁ ତେଗ ବାହାଦୁରଜୀଙ୍କ ଆଗାମୀ ୩୫୦ତମ ସହିଦ ଦିବସ ଅବସରରେ ପଞ୍ଜାବ ସରକାର ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ କହିଛନ୍ତି, ରାଜ୍ୟ ସରକାର ଏହି ଦିବସକୁ ବ୍ୟାପକ ସ୍ତରରେ ପାଳନ କରିବେ ଏବଂ ଗୁରୁ ସାହେବଙ୍କ ପଦାଙ୍କ ଥିବା ସ୍ଥାନର ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ । ସେ କହିଛନ୍ତି, ଶ୍ରୀ ଗୁରୁ ତେଗ ବାହାଦୁର ଜୀ ମାନବିକ ଏବଂ ଧର୍ମନିରପେକ୍ଷ ମୂଲ୍ୟବୋଧର ସୁରକ୍ଷା ନିମନ୍ତେ ବଳିଦାନ ଦେଇଥିଲେ ।

## ପ୍ରଧାନମନ୍ତ୍ରୀ-ତୁଳସୀ ଗୌଡ଼ା

ପ୍ରସିଦ୍ଧ ପରିବେଶବିତ୍ ତଥା ପଦ୍ମ ପୁରସ୍କାର ପ୍ରାପ୍ତ ତୁଳସୀ ଗୌଡାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି । ପ୍ରକୃତିର ପୋଷଣ, ହଜାର ହଜାର ଚାରା ରୋପଣ ଓ ପରିବେଶ ସଂରକ୍ଷଣ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି ବୋଲି ଶ୍ରୀ ମୋଦି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି । ସେ କହିଛନ୍ତି, ତାଙ୍କ କାର୍ଯ୍ୟ ଆମ ପୃଥିବୀକୁ ରକ୍ଷା କରିବା ନିମନ୍ତେ ଆଗାମୀ ପିଢ଼ି ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ହୋଇରହିବ ।

## କ୍ରିକେଟ

ବର୍ଡର-ଗାଭାସ୍କର ଟ୍ରଫି ଅନ୍ତର୍ଗତ ତୃତୀୟ କ୍ରିକେଟ୍ ଟେଷ୍ଟ୍‌ର ଆଜି ଚତୁର୍ଥ ଦିନରେ ଭାରତ' ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଇନିଂସରେ ୯

ୱିକେଟ୍ ବିନିମୟରେ ୨୫୨ ରନ୍ କରିଛି।  ଫଲୋଅନ୍ ଏଡ଼ାଇବା ପାଇଁ ଦଳକୁ ଏବେ ୧୯୩ ରନ୍ ଆବଶ୍ୟକ ରହିଛି।

ଆଜି ସକାଳେ ଚତୁର୍ଥ ଦିନରେ ଭାରତ ୪ ୱିକେଟ୍ ହରାଇ ୫୧ ରନ୍ କରି ଇନିଂସ ଆରମ୍ଭ କରିଥିଲା। କେ.ଏଲ୍ ରାହୁଲଙ୍କୁ ୮୪ ରନ୍‌ରେ ଆଉଟ୍ କରି ନାଥନ୍ ଲିଓନ୍ ମ୍ୟାଚ୍‌ର ପ୍ରଥମ ୱିକେଟ୍ ନେଇଥିଲେ। ଭାରତୀୟ ଅଧିନାୟକ ରୋହିତ ଶର୍ମା ମଧ୍ୟ ସ୍କୋରରେ ମାତ୍ର ୧୦ ରନ୍ ଯୋଡ଼ି ଆଉଟ୍ ହୋଇଥିଲେ। ଗତକାଲି ଅଷ୍ଟ୍ରେଲିଆ ତା'ର ପ୍ରଥମ ଇନିଂସରେ ୪୪୫ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍ରା ୬ଟି, ମହମ୍ମଦ ସିରାଜ ୨ଟି, ନୀତିଶ ରେଡ୍ଡୀ ଓ ଆକାଶଦୀପ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।